# NATIONAL NEWS BULLETIN (ODIA)

## 27 December - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପଞ୍ଚମ ଜାତୀୟ ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀରେ ଆଜି ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ।
- ସାରା ଦେଶରେ ସାଧାରଣ ଆତଙ୍କୀ ନିରୋଧି ସ୍କ୍ୱାର୍ଡ଼ ଗଠନ ଉପରେ ଗୁରୁତ୍ୱ ପ୍ରଦାନ ସହ ରାଜ୍ୟ ଗୁଡ଼ିକରେ ଏହି ବ୍ୟବସ୍ଥା ଲାଗୁ ପାଇଁ ପୋଲିସ୍ ଡିଜିମାନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶ ।
- ଆଜିଠାରୁ ଗୋଆ, କର୍ଣ୍ଣାଟକ ଓ ଝାଡ଼ଖଣ୍ଡ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ଥିରୁବନନ୍ତପୁରମ୍‌ରେ ତୃତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୮ ୱିକେଟ୍‌ରେ ପରାସ୍ତ କଲା ଭାରତୀୟ ମହିଳା ଦଳ ।

ଏବଂ

- ଘନ କୁହୁଡ଼ି ହେବା ନେଇ ଉତ୍ତରପ୍ରଦେଶକୁ ରେଡ୍‌ୱାର୍ଣ୍ଣିଂ ।

– ଓଡ଼ିଶା, ବିହାର, ହରିଆଣାରେ ପାଇଁ ମଧ୍ୟ ସତର୍କ ସୂଚନା ଜାରି ।

# ପିଏମ୍-ଚିଫ୍ ସେକ୍ରେଟେରିଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ୩ ଦିନିଆ ପଞ୍ଚମ ଜାତୀୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଜାତୀୟ ବିକାଶକୁ ପ୍ରାଥମିକତା ପ୍ରଦାନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସମନ୍ୱିତ ସହଯୋଗକୁ ଅଧିକ ସୁଦୃଢ଼ କରିବାରେ ଏହି ସମ୍ମିଳନୀ ଏକ ଦୃଢ଼ ମଞ୍ଚ ପ୍ରଦାନ କରିବ । ଦେଶର ମାନବ ସମ୍ବଳ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ସହ ଅନ୍ତର୍ଭୁକ୍ତି, ଭବିଷ୍ୟତ ପାଇଁ ପ୍ରସ୍ତୁତି ଅଭିବୃଦ୍ଧି ସଂକ୍ରାନ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ଏକୀକୃତ ଚିଠା ପ୍ରସ୍ତୁତ କରିବାରେ ଏହି ମଞ୍ଚ ଉପଯୋଗୀ ସାବ୍ୟସ୍ତ ହେବ ।

ସହଯୋଗମୂଳକ ସଂଘୀୟ ଦୃଷ୍ଟିକୋଣକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ ବୋଲି କୁହାଯାଇଛି । ବିକଶିତ ଭାରତ ପାଇଁ ମାନବ ସମ୍ବଳ ପ୍ରସଙ୍ଗ ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ପ୍ରଦାନ କରାଯିବ । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସର୍ବୋତ୍ତମ ପଦକ୍ଷେପ ଗୁଡ଼ିକ ସଂପର୍କରେ ଅନ୍ୟମାନଙ୍କୁ ଅବଗତ କରାଯିବା ସହ ଏହାକୁ ଆପଣାଇବାରେ ମାର୍ଗଦର୍ଶନ ଉପରେ ସମ୍ମିଳନୀରେ ମତ ବିନିମୟ ହେବ ।

ଚଳିତବର୍ଷ ୫ଟି ପ୍ରମୁଖ କ୍ଷେତ୍ର ଉପରେ ଏହି ସମ୍ମିଳନୀରେ ଧ୍ୟାନ କେନ୍ଦ୍ରୀଭୂତ ରହିଛି । ସେଗୁଡ଼ି ହେଉଛି ପ୍ରାରମ୍ଭିକ ଶୈଶବ ଶିକ୍ଷା, ବିଦ୍ୟାଳୟ ଶିକ୍ଷା, ଦକ୍ଷତା, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ର ଗତ ୨୦୨୨ ମସିହାରେ ପ୍ରଥମଥର ପାଇଁ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତିବର୍ଷ ଏହି ଜାତୀୟ ସମ୍ମିଳନୀର ଆୟୋଜନ କରାଯାଉଛି ।

# ଶାହା-କାଉଣ୍ଟର ଟେରୋରିଜିମ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାରା ଦେଶରେ ସାଧାରଣ ଆତଙ୍କୀ ନିରୋଧି ସ୍କ୍ୱାର୍ଡ (ଏ.ଟି.ଏସ୍.) ଗଠନ ଉପରେ ଗୁରୁତ୍ୱ ଦେଇ ସମସ୍ତ ରାଜ୍ୟର ପୋଲିସ୍ ମହାନିର୍ଦ୍ଦେଶକମାନଙ୍କୁ ଏହି ବ୍ୟବସ୍ଥା ତୁରନ୍ତ ଲାଗୁ କରିବା ନେଇ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ସାରା ଦେଶରେ ପୋଲିସ୍ ବିଭାଗରେ ଏ.ଟି.ଏସ୍. ଶୈଳୀରେ ଗଠନ ହେଲେ ପ୍ରତ୍ୟେକ ସ୍ତରରେ ଆତଙ୍କୀ ଆକ୍ରମଣର ମୁକାବିଲା କରିବା ଲାଗି ପ୍ରାକ୍ ପ୍ରସ୍ତୁତି ସହଜ ହୋଇପାରିବ । ଗତକାଲି ନୂଆଦିଲ୍ଲୀରେ ଜାତୀୟ ତଦନ୍ତକାରୀ ସଂସ୍ଥା – ଏନ୍.ଆଇ.ଏ. ଦ୍ୱାରା ଆୟୋଜିତ ଦୁଇଦିନିଆ ଆତଙ୍କବାଦ ନିରୋଧି ସମ୍ମିଳନୀ ୨୦୨୫କୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଶାହା କହିଛନ୍ତି, ଏନ୍.ଆଇ.ଏ. ଆତଙ୍କବାଦ ନିରୋଧି ସ୍କ୍ୱାର୍ଡର ଢାଞ୍ଚା ପ୍ରସ୍ତୁତି ଉପରେ କାର୍ଯ୍ୟ ଆରମ୍ଭ କରିଦେଇଛି । ସେ କହିଛନ୍ତି, ଏକକ ଢାଞ୍ଚା ପ୍ରବର୍ତ୍ତନ କରାଗଲେ ପ୍ରତ୍ୟେକ ସ୍ତରରେ ସମାନ ଢଙ୍ଗରେ ପ୍ରସ୍ତୁତି ଓ ପରିଚାଳନା ହୋଇପାରିବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଭବିଷ୍ୟତର ଆହ୍ୱାନ ଗୁଡ଼ିକର ମୁକାବିଲା କରିବା ଲାଗି ଏକ ଦୃଢ଼ ଏବଂ ଆତଙ୍କବାଦ ନିରୋଧି ଶୃଙ୍ଖଳ ଗଠନ କରାଯାଇପାରିବ । ଶ୍ରୀ ଶାହା ଆତଙ୍କବାଦ ଘଟଣାର ମୁକାବିଲା ଲାଗି ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ଦେଶ ଦୁଇପାଦ ଆଗରେ ରହିବା ଜରୁରୀ ହୋଇପଡ଼ିଛି । ସେ କହିଛନ୍ତି, ସଂଗଠିତ ଅପରାଧ ଗୁଡ଼ିକର ମୁକାବିଲା କରିବା ନିମନ୍ତେ ସରକାର ଏକ ସ୍ୱତନ୍ତ୍ର ରଣନୀତି ଆରମ୍ଭ କରିବେ । ସେ କହିଛନ୍ତି, ଭାରତ ତଥା ବିଶ୍ୱରେ ଦେଖାଦେଉଥିବା ଆତଙ୍କବାଦ ଘଟଣାଗୁଡ଼ିକର ସମସ୍ତ ସଂସ୍ଥା ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି, ଯାହାଫଳରେ ଆତଙ୍କବାଦର ମୁକାବିଲା ଲାଗି ସାମର୍ଥ୍ୟ ବୃଦ୍ଧି କରାଯାଇ ପାରିବ ।

ଏହି ଅବସରରେ ଶ୍ରୀ ଶାହା ପହଲଗାମ ଆକ୍ରମଣ ଏବଂ ଦିଲ୍ଲୀ ବିସ୍ଫୋରଣ ଘଟଣାକୁ ସ୍ମରଣ କରି କହିଛନ୍ତି, କିଭଳି ଜଣେ ସତର୍କ ଅଧିକାରୀ ଏହିଭଳି ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିପାରିବ । ଅପରେସନ ସିନ୍ଦୂରରେ ମହାଦେବ ଅଭିଯାନ ଜରିଆରେ ପ୍ରଥମଥର ପାଇଁ ଆକ୍ରମଣର ଯୋଜନା କରିଥିବା ଆତଙ୍କବାଦୀଙ୍କୁ ଦଣ୍ଡିତ କରିବା କ୍ଷେତ୍ରରେ ସୁରକ୍ଷାବଳର ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିଛନ୍ତି ।

ଜାମ୍ମୁ କାଶ୍ମୀର ପୋଲିସ୍ ଦିଲ୍ଲୀ ବିସ୍ଫୋରଣ ଘଟଣାରେ ଯେଉଁ ତଦନ୍ତ କରିଛି ତାହା ଅତ୍ୟନ୍ତ ଉଚ୍ଚମାନର ବୋଲି ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି, ୪୦ କିଲୋଗ୍ରାମ୍ ବିସ୍ଫୋରକ ଘଟାଇ ଯେଉଁ ବିସ୍ଫୋରଣ କରାଯାଇଥିଲା ତାହା ଉପରେ ତଦନ୍ତ କରାଯାଇ ତିନି ଟନ୍ ବିସ୍ଫୋରକ ଜବତ କରାଯାଇପାରିଥିଲା । ଏହି ସମ୍ମିଳନୀ ଅବସରରେ ଶ୍ରୀ ଶାହା ଏନ୍.ଆଇ.ଏ.ର ୯ ଜଣ ପଦାଧିକାରୀଙ୍କୁ ସେବା ପଦକ ଏବଂ ବୀରତା ପଦକ ପ୍ରଦାନ କରିଛନ୍ତି ।

## ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୪ ଦିନିଆ ଗସ୍ତରେ ଗୋଆ, କର୍ଣ୍ଣାଟକ ଏବଂ ଝାଡ଼ଖଣ୍ଡ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି । ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଗୋଆ ଅଭିମୁଖେ ଯାତ୍ରା କରିବେ । ଆସନ୍ତାକାଲି ରାଷ୍ଟ୍ରପତି କର୍ଣ୍ଣାଟକର ଖାର୍‌ୱାର୍ ବନ୍ଦରରୁ ବୁଡ଼ାଜାହାଜରେ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ସୋମବାର ଦିନ ରାଷ୍ଟ୍ରପତି ଝାଡ଼ଖଣ୍ଡର ଜାମସେଦପୁରଠାରେ ଅଲ୍ ଚିକି ଭାଷାର ଶତବାର୍ଷିକୀ ସମାରୋହରେ ଯୋଗ ଦେବେ । ଶାନ୍ତାଳୀ ଭାଷାଭାଷୀ ଲୋକଙ୍କ ପାଇଁ ୧୯୨୫ ମସିହାରେ ପଣ୍ଡିତ

ରଘୁନାଥ ମୁର୍ମୁ ଅଲ୍ ଚିକି ଲିପିର ସୃଷ୍ଟି କରିଥିଲେ । ଶାନ୍ତାଳୀ ଭାଷାର ବ୍ୟବହାର ଲାଗି ଏହି ଲିପି ସହାୟକ ହୋଇଥାଏ ।

ସୋମବାର ଦିନ ମଧ୍ୟ ରାଷ୍ଟ୍ରପତି ସେଠାରେ ନିଟ୍‌ର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଅଭିଭାଷଣ ରଖିବେ । ଆସନ୍ତା ୩୦ ତାରିଖରେ ରାଷ୍ଟ୍ରପତି ଝାଡ଼ଖଣ୍ଡ ସ୍ଥିତ ଗୁମ୍‌ଲାଠାରେ ଅନ୍ତର୍ଯ୍ୟାୟ ଜନସାଂସ୍କୃତିକ ସମାଗମ ସମାରୋହ କାର୍ତ୍ତିକ ଯାତ୍ରାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ସିବିଆଇ-ଏସ୍‌ସି-ଉନ୍ନାଓ କେସ୍

ଉନ୍ନାଓ ଦୁଷ୍କର୍ମ ମାମଲାରେ ଦିଲ୍ଲୀ ହାଇକୋର୍ଟ୍‌ଙ୍କ ଆଜୀବନ କାରାଦଣ୍ଡ ସ୍ଥଗିତ ରଖିବା ଏବଂ ଉତ୍ତର ପ୍ରଦେଶର ପୂର୍ବତନ ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କୁ ଜାମିନ୍ ପ୍ରଦାନ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ବିରୋଧ କରି ସି.ବି.ଆଇ. ଗତକାଲି ସୁପ୍ରିମ୍‌କୋର୍ଟରେ ଆବେଦନ କରିଛନ୍ତି । ହାଇକୋର୍ଟ୍‌ଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମ୍‌କୋର୍ଟ୍‌ରେ ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଦାଖଲ କରାଯାଇଛି । ଚଳିତ ସପ୍ତାହରେ ଦିଲ୍ଲୀ ହାଇକୋର୍ଟ ଦୋଷୀ ସାବ୍ୟସ୍ତ ଏବଂ ଆଜୀବନ କାରାଦଣ୍ଡ ବିରୋଧରେ ପୂର୍ବତନ ବିଧାୟକଙ୍କ ଦଣ୍ଡ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେବା ସହ ତାଙ୍କୁ ସର୍ତ୍ତମୂଳକ ଜାମିନ୍ ଦେଇଥିଲେ । ୨୦୧୯ରେ ଉତ୍ତରପ୍ରଦେଶର ଉନ୍ନାଓ ଦୁଷ୍କର୍ମ ମାମଲାରେ ପୂର୍ବତନ ବିଧାୟକ ସେଙ୍ଗରଙ୍କୁ ଏକ ସ୍ୱତନ୍ତ୍ର ସି.ବି.ଆଇ. କୋର୍ଟ୍ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୨୫ ଲକ୍ଷ ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଥିଲେ । ଅଭିଯୁକ୍ତ ୨୦୨୦ ଜାନୁଆରୀରେ ଦିଲ୍ଲୀ ହାଇକୋର୍ଟରେ ସି.ବି.ଆଇ. କୋର୍ଟ୍ ନିର୍ଦ୍ଦେଶ ବିରୋଧରେ ଆବେଦନ କରିବା ସହ ୨୦୨୨ ମାର୍ଚ୍ଚରେ ଦଣ୍ଡ ସ୍ଥଗିତ

ରଖିବା ଲାଗି ଆବେଦନ କରିଥିଲେ । ସି.ବି.ଆଇ. ହାଇକୋର୍ଟଙ୍କ ଆଦେଶ ଯାଞ୍ଚ୍ କରିବା ପରେ ସୁପ୍ରିମ୍‌କୋର୍ଟରେ ଆବେଦନ କରିଛି । ଉନ୍ନାଓ ମାମଲାରେ ଜୀବୀତ ମହିଳା ଏବଂ ତାଙ୍କ ପରିବାର ପୂର୍ବତନ ବିଧାୟକ ସେଙ୍ଗରଙ୍କୁ ଜାମିନ୍ ଆବେଦନ ଦେବା ନିଷ୍ପତ୍ତିକୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିରୋଧ କରିଛନ୍ତି । ତେବେ ଦୁଷ୍କର୍ମ ମାମଲାରେ ଜାମିନ୍ ପାଇବା ସତ୍ତ୍ୱେ  ଅନ୍ୟ ଏକ ହତ୍ୟା ମାମଲାରେ ୧୦ ବର୍ଷର ଦଣ୍ଡ କାଟୁଥିବାରୁ ଅଭିଯୁକ୍ତ ଜେଲ୍‌ରେ ରହିବା ନିଶ୍ଚିତ ହୋଇଛି ।

# କେରଳ-ସାବରିମାଳା

କେରଳର ସାବରିମାଳା ମନ୍ଦିରରେ ଆଜିଠାରୁ ୪୧ ଦିନିଆ ପବିତ୍ର ମଣ୍ଡଳ ବୃତମ୍ ଆରମ୍ଭ ହେବ । ସାବରିମାଳା ଶ୍ରୀଧର୍ମ ଷଷ୍ଠ ମନ୍ଦିରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ ସ୍ୱତନ୍ତ୍ର ପ୍ରାର୍ଥନା କରାଯାଇ ମୂର୍ତ୍ତିକୁ ସ୍ୱର୍ଣ୍ଣ ଆଭୂଷଣରେ ସଜାଇବା ପରମ୍ପରା ରହିଛି । ଏଥିଲାଗି ଦେବସୋମ ବୋର୍ଡ଼ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭିଡ଼ ପରିଚାଳନା, ସୁରକ୍ଷା, ଚିକିତ୍ସା ବ୍ୟବସ୍ଥା ଏବଂ ଯାତ୍ରୀମାନଙ୍କ ଅନ୍ୟାନ୍ୟ ସୁବିଧା ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମଣ୍ଡଳ ପୂଜା ସମୟରେ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ଅନ୍‌ଲାଇନ୍ ଜରିଆରେ ଧାଡ଼ି ବ୍ୟବସ୍ଥା କରାଯିବା ସହ ନିୟମାନୁଯାୟୀ ସ୍ଲଟ୍ ବୁକିଂ କରାଯିବାର ବ୍ୟବସ୍ଥା ରହିଛି । ମଣ୍ଡଳ ପୂଜା ପରେ ମନ୍ଦିରକୁ ବନ୍ଦ କରାଯିବ ଏବଂ ଆସନ୍ତା ୩୦ ତାରିଖରେ ମକର ଭିଲାକୁ ସମୟରେ ପୁଣି ଖୋଲାଯିବ ।

# ଇୟର୍ ଏଣ୍ଡର୍-ଟ୍ୟାକ୍ସ ରିଫର୍ମର୍ସ୍

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ବିଭିନ୍ନ ନୀତିଗୁଡ଼ିକୁ ବାସ୍ତବତାରେ ପରିଣତ କରାଯାଇ ଦେଶର ବିକାଶ କ୍ଷେତ୍ରରେ ଏହାର ଉପଯୋଗୀତା ସକାରାତ୍ମକ ପ୍ରଭାବ ପକାଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାରର ବର୍ଷରେ ଆସନ୍ତୁ ଜାଣିବା ୨୦୨୫ ମସିହାରେ ଟିକସ କ୍ଷେତ୍ରରେ ଭାରତରେ ଘଟିଥିବା ବିକାଶ ସମ୍ପର୍କରେ ।

ଭାରତରେ ଗତ ୮ ବର୍ଷ ମଧ୍ୟରେ ଟିକସ କ୍ଷେତ୍ରରେ ସଂସ୍କାର ଅଣାଯିବା ସହିତ ନରେନ୍ଦ୍ର ମୋଦୀଙ୍କ ସରକାର ଅନେକ ଗୁଡ଼ିଏ ପରିବର୍ତ୍ତନ କରି ଏହାକୁ ଲୋକାଭିମୁଖୀ କରିଛନ୍ତି । ଚଳିତ ବର୍ଷ ଟିକସ କ୍ଷେତ୍ରରେ ଅନେକଗୁଡ଼ିଏ ସଂସ୍କାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜି.ଏସ୍.ଟି. କ୍ଷେତ୍ରରେ ପରବର୍ତ୍ତି ପିଢ଼ିର ସଂସ୍କାର ଚଳିତ ବର୍ଷର ସବୁଠାରୁ ବଡ଼ ପରିବର୍ତ୍ତନ ଥିଲା । ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଥିବା ଟିକସ ବ୍ୟବସ୍ଥାକୁ ଉଚ୍ଛେଦ କରି କେବଳ ଦୁଇଟି ପର୍ଯ୍ୟାୟ ଟିକସ ବ୍ୟବସ୍ଥା ପ୍ରଚଳନ କରାଯାଇଛି । ସେହି ଦୁଇଟି ଟିକସ ସ୍ଲାବ୍ ୫ ଓ ୧୮ ପ୍ରତିଶତ ମଧ୍ୟରେ ସୀମିତ ରହିଛି । ଚଳିତ ବର୍ଷ ଦୀପାବଳିରେ ପରବର୍ତ୍ତି ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବା ପରେ ୬ ଟ୍ରିଲିୟନ୍‌ରୁ ଅଧିକ ବିକ୍ରି ହୋଇଥିବା ରେକର୍ଡ଼ କରାଯାଇଛି । ଦେଶର ନାଗରିକମାନେ ଅଢ଼େଇ ଲକ୍ଷ କୋଟିରୁ ଅଧିକ ଟଙ୍କା ସଞ୍ଚୟ କରିପାରିଛନ୍ତି । ବିନା ପ୍ରିମିୟମ୍ କ୍ଷେତ୍ରରେ ଜି.ଏସ୍.ଟି. ହାର ସମ୍ପୂର୍ଣ୍ଣ ମୁକ୍ତ କରାଯାଇଥିବା ବେଳେ ଦୈନନ୍ଦିନ ବ୍ୟବହୃତ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ଉପରେ ଜି.ଏସ୍.ଟି.ହାର ହ୍ରାସ କରାଯାଇଛି । ମଧ୍ୟବିତ୍ତ ପରିବାରଗୁଡ଼ିକୁ ଟିକସ ବୋଝରୁ ମୁକ୍ତ କରିବା ଲାଗି ଚଳିତ ବର୍ଷ ବଜେଟ୍‌ରେ କେନ୍ଦ୍ର ସରକାର ଟିକସ ସୀମା ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି ।

# କ୍ରିକେଟ୍

ମହିଳା କ୍ରିକେଟ୍‌ରେ ଥିରୁବନନ୍ତପୁରମ୍‌ରେ ଗତକାଲି ଅନୁଷ୍ଠିତ ତୃତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୧୨ରନ୍ କରିଥିବା ବେଳେ ଏହାର ଜବାବରେ ଭାରତ ୧୩ ଓଭର ୨ଟି ବଲ୍‌ରେ ୨ ୱିକେଟ୍ ହରାଇ ୧୧୫ରନ୍ କରିଥିଲା ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଉତ୍ତରପ୍ରଦେଶରେ ଘନ କୁହୁଡ଼ି ହେବା ନେଇ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ସହ ଘନ କୁହୁଡ଼ି ହେବା ନେଇ ଓଡ଼ିଶା, ବିହାର, ହରିଆଣା, ଚଣ୍ଡିଗଡ଼, ଦିଲ୍ଲୀ, ହିମାଚଳ ପ୍ରଦେଶ ଓ ପଞ୍ଜାବ ପାଇଁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି ।